ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1397/06-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୬ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓଡ଼ିଶାର ସଫଳ ମହିଳାମାନଙ୍କୁ ପରିଚିତି ଦେବା ସହ ପୁରସ୍କୃତ କରିବା ପାଇଁ ଫିକି ଦ୍ୱାରା ଆୟୋଜିତ ପ୍ରଥମ ଏଫ୍ଏଲ୍ଓ ଓଡ଼ିଶା ମହିଳା ପୁରସ୍କାରର ଶୁଭାରମ୍ଭ କରିଛନ୍ତି । ସମସ୍ତ ପୁରସ୍କୃତ ମହିଳାମାନଙ୍କୁ ଅଭିନନ୍ଦନ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ମହିଳା ସଶକ୍ତିକରଣ ମଡେଲ୍ ସମଗ୍ର ଦେଶରେ ଶ୍ରେଷ୍ଠ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ସର୍ବଦା ମହିଳା ସଶକ୍ତିକରଣରେ ଅଗ୍ରଦୂତ ହୋଇଆସିଛି । ଆମର ସଶକ୍ତିକରଣ ମଡେଲ୍ର ଅନ୍ୟତମ ପ୍ରମୁଖ ଅଭିଯାନ ମିଶନ ଶକ୍ତି ରାଜ୍ୟର ୮୦ ଲକ୍ଷ ମହିଳାଙ୍କୁ ପରିବାରର ଚାରିକାନ୍ଥ ମଧ୍ୟରୁ ଆଣି ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ ସଫଳତାର ସହିତ ପ୍ରତିଷ୍ଠିତ କରିପାରିଛି ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତିରେ ଏବେ ଗ୍ରାମାଞ୍ଚଳର ମହିଳାମାନେ ଅଧିକ ଭାବରେ ସେମାନଙ୍କ ଅବଦାନ ସାବ୍ୟସ୍ତ କରୁଛନ୍ତି । ମେକ୍ ଇନ୍ ଓଡ଼ିଶା, ଷ୍ଟାର୍ଟ ଅପ୍ ଓଡ଼ିଶା ଓ ସ୍କିଲଡ୍ ଇନ୍ ଓଡ଼ିଶା ପରି ଅଭିଯାନଗୁଡ଼ିକରେ ରାଜ୍ୟର ଅଧିକରୁ ଅଧିକ ମହିଳା ଉଦ୍ୟୋଗୀ ହେବା ପାଇଁ ଆଗେଇ ଆସୁଥିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଏକ ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି ଏବଂ ଓଡ଼ିଶାର ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବା ନିମନ୍ତେ ସମସ୍ତ ସମ୍ଭାବ୍ୟ ଶ୍ରେଷ୍ଠ ନୀତି ଓ କାର୍ଯ୍ୟକ୍ରମ ପ୍ରଣୟନକୁ ତାଙ୍କ ସରକାର ସୁନିଶ୍ଚିତ କରିଆସୁଥିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

  - ଫିକି ଏଫ୍ଏଲ୍ଓର ଜାତୀୟ ସଭାପତି ସୁଶ୍ରୀ ଜାହ୍ନବୀ ଫୁକନ୍, ରାଜ୍ୟ ସଭାପତି ସୁଶ୍ରୀ ଧରିତ୍ରୀ ପଟ୍ଟନାୟକ ମଧ୍ୟ ସେମାନଙ୍କର ବକ୍ତବ୍ୟ ରଖିଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ କ୍ରୀଡ଼ା ଶିକ୍ଷାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ୍ସଇବିଏସ୍, ଇଣ୍ଡିଆଠାରେ କ୍ରୀଡ଼ା ଶିଳ୍ପ ପରିଚାଳନାରେ ଡୁଆଲ୍ ମାଷ୍ଟର୍ସ ପ୍ରୋଗ୍ରାମ ଆରମ୍ଭ କରାଯାଇଛି । ଏହା ରାଜ୍ୟରେ କ୍ରୀଡ଼ା ଇକୋସିଷ୍ଟମକୁ ଅଧିକ ସଶକ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୪,୫୧,୩୯୬ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୭,୬୭୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୯୯୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୧୪ ରହିଛି ।
- ୭୧୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**